# ଶକ୍ତି ସଂରକ୍ଷଣ ନିମନ୍ତେ ବଚତ୍ ଲ୍ୟାମ୍ପ ଯୋଜନା

ନଗେନ୍ଦ୍ର ନାଥ ମହାପାତ୍ର

ଜାତୀୟ ଅର୍ଥନୀତିରେ ବିଦ୍ୟୁତ୍‌ଶକ୍ତିର ଆବଶ୍ୟକତା ଅନସ୍ୱୀକାର୍ଯ୍ୟ। ଦେଶର ବିଦ୍ୟୁତ୍ ଉତ୍ପାଦନ ସ୍ଥାପିତ କ୍ଷମତା ସ୍ୱାଧୀନତା ଲାଭର ପ୍ରାରମ୍ଭରେ ୧୩୬୨ ମେଗାୱାଟ୍ ଥିଲାବେଳେ ଏହା ବର୍ତ୍ତମାନ ୧ ଲକ୍ଷ ୫୪ ହଜାର ମେଗାୱାଟ୍‌ରେ ପହଞ୍ଚିଥିବା ସତ୍ତ୍ୱେ ଉତ୍ପାଦନ ପ୍ରାୟ ୧୨%ରୁ ୧୬.୬% କମ୍ ହେଉଥିବାରୁ ସଂନ୍ଧ୍ୟା ସମୟରେ (Evening Peak Demand) ଆବଶ୍ୟକତା ଚାହିଦା ୧.୧୬ ଲକ୍ଷ ମେଗାୱାଟ୍ ସ୍ଥଳରେ ୧.୦୧ ଲକ୍ଷ ମେଗାୱାଟ ଉପଲବ୍ଧ ହେଉଅଛି । ସେହିଭଳି ସାର୍ବଜନିକ ବିଦ୍ୟୁତ୍‌ଶକ୍ତି ବିନିଯୋଗ କ୍ଷେତ୍ରରେ ମଧ ୯.୮% ରୁ ୧୧.୧% ପର୍ଯ୍ୟନ୍ତ ଅଭାବ ପରିଲିକ୍ଷିତ ହେଉଅଛି । ଏକାଦଶ ପଞ୍ଚବାର୍ଷିକ ଯୋଜନାରେ ଭାରତ ସରକାର ୭୮,୭୦୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ବୃଦ୍ଧି ଲକ୍ଷ ରଖିଥିଲେ ହେଁ ବିଗତ ଅଢେଇବର୍ଷ ମଧରେ କେବଳ ୧୮୨୩୫ ମେଗାୱାଟ୍ କ୍ଷମତା ସଂଯୋଗ କରାଯାଇଅଛି ଏବଂ କେନ୍ଦ୍ର ଶକ୍ତି ମନ୍ତ୍ରୀ ଚଳିତ ଯୋଜନା କାଳରେ କେବଳ ୬୨,୩୭୪ ମେଗାୱାଟ ସଂଯୋଗ କରାଯାଇପାରିବ ବୋଲି ନିକଟରେ ମତ ପ୍ରକାଶ କରିଛନ୍ତି । ଏହାକୁ ଲକ୍ଷ ରଖି ବିଶିଷ୍ଟ ପରାମର୍ଶଦାତା ମ୍ୟାକ୍‌ନ୍‌ସି ଦେଶରେ ୨୦୧୨ ପରେ ସଂନ୍ଧ୍ୟା ସମୟରେ ବିଦ୍ୟୁତ୍‌ଶକ୍ତି ଚାହିଦା ମେଣ୍ଟାଇବା ନିମନ୍ତେ ପ୍ରାୟ ଶତକଡ଼ା ୨୦ ଭାଗ ପର୍ଯ୍ୟନ୍ତ ଅଭାବ ଅନୁଭୁତ ହେବାର ଆଶଙ୍କା ପ୍ରକାଶ କଲେଣି ଏବଂ ଏହା ଭାରତର ବାର୍ଷିକ ୮-୧୦% ଜିଡ଼ିପି ଅଭିବୃଦ୍ଧିରେ ପ୍ରଭାବ ପକାଇବ ବୋଲି ସରକାରଙ୍କୁ ଚେତାବନୀ ଶୁଣାଇଲେଣି ।

ଆମ ରାଜ୍ୟ ଓଡ଼ିଶାର ଅବସ୍ଥା ତତୋଧିକ। ଦେଶର ୨୩ ଭାଗ କୋଇଲା ଏବଂ ୧୦ ଭାଗ ଭୂପୃଷ୍ଠ ଜଳସମ୍ପଦର ଅଧିକାରୀ ହୋଇଥିବାରୁ ଆମ ରାଜ୍ୟ କୋଇଲା ଭିତ୍ତିକ ବିଦ୍ୟୁତ୍‌ଶକ୍ତି ପ୍ରାୟ ୧ ଲକ୍ଷ ମେଗାୱାଟ୍, ଜଳବିଦ୍ୟୁତ୍ ୨୦୦୦୦ ମେଗାୱାଟ୍ ଏବଂ ଅଣପାରମ୍ପରିକ ବିଦ୍ୟୁତ୍‌ଶକ୍ତି ୨୦୦୦୦ ମେଗାୱାଟ୍, ଏହିପରି ସର୍ବମୋଟ୍ ୧ ଲକ୍ଷ ୪୦ ହଜାର ମେଗାୱାଟ୍ ଉତ୍ପାଦନ କ୍ଷମତାର ଉତ୍ସ ସତ୍ତ୍ୱେ ଅତ୍ୟନ୍ତ କ୍ଷୋଭ ଏବଂ ପରିତାପର ବିଷୟ ଏହିଯେ ରାଜ୍ୟର ସଂନ୍ଧ୍ୟାକାଳୀନ ସର୍ବୋଚ୍ଚ ବିଦ୍ୟୁତ୍ ଚାହିଦା (Evening Peak Demand) ୩୨୦୦ ମେଗାୱାଟ୍ ଏବଂ ଦିନର ଅନ୍ୟସମୟର ନିରବଚ୍ଛିନ୍ନ ଚାହିଦା (Average Demand) ୨୬୦୦ ମେଗାୱାଟ୍ ମଧ୍ୟ ମେଣ୍ଟାଯାଇ ପାରୁନଥିବାରୁ ରାଜ୍ୟରେ ସଂନ୍ଧ୍ୟା ସମୟରେ ପ୍ରାୟ ୧୦୦୦ ମେଗାୱାଟ୍ ଏବଂ ଦିନର ଅନ୍ୟସମୟରେ ୬୦୦ ମେଗାୱାଟ୍ ବିଦ୍ୟୁତ୍‌ଶକ୍ତିର ଅଭାବ ପରିଲକ୍ଷିତ ହେଉଅଛି ଏବଂ ଏହି ଅଭାବନୀୟ ପରିସ୍ଥିତି ଆମ ରାଜ୍ୟକୁ ବିଦ୍ୟୁତ୍ ଦୁର୍ଭିକ୍ଷ (Power Famine) ମୁହଁକୁ ଠେଲିଦେଇଛି । ରାଜ୍ୟର ବାର୍ଷିକ ଜିଡ଼ିପି ବିଗତ ଦଶନ୍ଧି ଧରି ଶତକଡ଼ା ୭ ହାରରେ ବୃଦ୍ଧି ପାଉଥିବାରୁ ଏବଂ ଏଥିପାଇଁ ବିଦ୍ୟୁତ୍‌ଶକ୍ତି ଚାହିଦାରେ ବାର୍ଷିକ ଶକତଡ଼ା ୧୦ ଭାଗ ଅଭିବୃଦ୍ଧି ଘଟୁଥିବାରୁ, ବିଦ୍ୟୁତ୍‌ଶକ୍ତି ଅଭାବ ଜିନତ ଉତ୍କଟ ପରିସ୍ଥିତି ଆମରାଜ୍ୟ ଓଡ଼ିଶାରେ

୨୦୧୩-୧୪ ମସିହା ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଆଶଙ୍କା ପ୍ରକାଶ ପାଉଛି କାରଣ ଆମ ରାଜ୍ୟରେ ପ୍ରାୟ ୧୯୯୭ ମସିହାରୁ କୌଣସି ବୃହତ୍ ନୂତନ ତାପଜ କିମ୍ବା ଜଳବିଦ୍ୟୁତ୍ ପ୍ରୋଜେକ୍ଟ (Green Field Project) କିମ୍ବା ଇବ୍ ଥର୍ମାଲ ଓ ତାଳଚେର ଥର୍ମାଲର ସଂପ୍ରସାରିତ ଯୋଜନାର (Brown Field Expansion) କାର୍ଯ୍ୟାରମ୍ଭ ହୋଇପାରିନାହିଁ । ୨୦୧୭ ମହିହା ସୁଦ୍ଧା ବିଦ୍ୟୁତ୍‌ଶକ୍ତି ଅଭାବଜନିତ ପରିସ୍ଥିତିରୁ ଦେଶକୁ ମୁକୁଳାଇବା ନିମନ୍ତେ ଭାରତ ସରକାର ଇତିମଧ୍ୟରେ ବହୁ ସ୍ୱଳ୍ପମିଆଦି ଏବଂ ଦୀର୍ଘମିଆଦି ଯୋଜନାର ଶୁଭାରମ୍ଭ କରିଛନ୍ତି ଏବଂ ଶକ୍ତି ସଂରକ୍ଷଣ ଓ ଦକ୍ଷତା ବୃଦ୍ଧି ଉପରେ ବିଶେଷ ଗୁରୁତ୍ୱଆରୋପ କରିଛନ୍ତି ।

## ଶକ୍ତି ସଂରକ୍ଷଣ ଏବଂ ଦକ୍ଷତା ବୃଦ୍ଧି :

ଭାରତ ସରକାର ଶକ୍ତି ସଂରକ୍ଷଣ ଏବଂ ତତ୍‌ଜନିତ ଦକ୍ଷତା ବୃଦ୍ଧି ନିମନ୍ତେ ୨୦୦୧ ମସିହାରେ ଶକ୍ତି ସଂରକ୍ଷଣ ବିଧି (Energy Conservation Act), ୨୦୦୨ ମସିହାରେ ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି (BEE), ୨୦୦୯ରେ ଶକ୍ତି କ୍ଷେତ୍ରରେ ଦ୍ରୁତତର ଦକ୍ଷତା ବୃଦ୍ଧି ନିମନ୍ତେ ଜାତୀୟ କମିଶନ୍ (National Mission on Enhanced Energy Efficiency) ବଚତ୍ ଲ୍ୟାମ୍ପ ଯୋଜନା ଏବଂ ଏସମସ୍ତ କାର୍ଯ୍ୟ ନିମନ୍ତେ ସମୟସୀମା ମଧ୍ୟରେ ଆଗେଇନବା ନିମନ୍ତେ ଭିତ୍ତିଭୂମି ପ୍ରସ୍ତୁତିପାଇଁ ୨୦୦ କୋଟି ଟଙ୍କା ମୂଳଧନରେ ଏକ ସ୍ୱତନ୍ତ୍ର କେନ୍ଦ୍ରୀୟ ବିଦ୍ୟୁତ୍ କମ୍ପାନୀ Energy Efficiency Services Ltd. (EESL) ଗଠନ କରିଅଛନ୍ତି । କିନ୍ତୁ ଆମ ରାଜ୍ୟସରକାରଙ୍କର ଶକ୍ତିବିଭାଗ, ରାଜ୍ୟ ପଦାଧିକାରୀ ସଂସ୍ଥା (State Designated Agency) ତଥା ଶକ୍ତିବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ତଥା ରାଜ୍ୟ ବିତରଣ କମ୍ପାନୀମାନଙ୍କର ସମୟବଦ୍ଧ ପଦକ୍ଷେପ ନେବାରେ ଅବହେଳା ହେତୁ ଆମ ରାଜ୍ୟ ଓଡ଼ିଶା ଏହି ଶକ୍ତି ସଂରକ୍ଷଣ କ୍ଷେତ୍ରରେ କିଭଳି ବହୁ ପଛରେ ପଡ଼ିଯାଇଛି, ଏହାର ଏକ ନିଛକ ଉଦାହରଣ ହେଲା ଭାରତ ସରକାରଙ୍କର ବହୁ ଚର୍ଚ୍ଚିତ ବଚତ୍ ଲ୍ୟାମ୍ପ ଯୋଜନା । ଆଜି ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ଅବସରରେ ଏହି ବଚତ୍ ଲ୍ୟାମ୍ପ ଯୋଜନା ଓଡ଼ିଶାପାଇଁ କିପରି ଅତ୍ୟନ୍ତ ଅପରିହାର୍ଯ୍ୟ ହୋଇପଡ଼ିଛି ଏହାର ଏକ ସମ୍ୟକ୍ ରୂପଚିତ୍ର ନିମ୍ନରେ ଉପସ୍ଥାପନା କରାଗଲା ।

## ବଚତ୍ ଲ୍ୟାମ୍ପ ଯୋଜନା :

ଜାତୀୟ ଉନ୍ନୟନ ପରିଷଦଙ୍କ ଆକଳନ ଅନୁଯାୟୀ ଶିଳ୍ପ କ୍ଷେତ୍ରରେ ଶତକଡ଼ା ୨୫ ଭାଗ, କୃଷି କ୍ଷେତ୍ରରେ ଶତକଡ଼ା ୩୦ ଭାଗ, ଘରୋଇ ଉପଯୋଗକାରୀଙ୍କ କ୍ଷେତ୍ରରେ ଶକତଡ଼ା ୨୦ ଭାଗ, ପରିବହନ କ୍ଷେତ୍ରରେ ପ୍ରାୟ ଶତକଡ଼ା୨୦ ଭାଗ ଏବଂ ସମସ୍ତ ଅର୍ଥନୀତି (Economy as a whole) କ୍ଷେତ୍ରରେ ପ୍ରାୟ ଶତକଡ଼ା ୨୩ ଭାଗ ଶକ୍ତି ସଂରକ୍ଷଣ କରାଯାଇପାରିବ । ବିଗତ ୧୯୭୩ ମସିହାରୁ ୨୦୦୯ ମସିହା ପର୍ଯ୍ୟନ୍ତ ଜାପାନରେ ଶିଳ୍ପ କ୍ଷେତ୍ରରେ ଉତ୍ପାଦନ ୩ ଗୁଣ ବଢ଼ିଥିଲେ ମଧ୍ୟ ଶକ୍ତି ସଂରକ୍ଷଣର ସମସ୍ତ ନିୟମକୁ କଡ଼ାକଡ଼ି ପାଳନ କରୁଥିବାରୁ ଏହି ୩୬ ବର୍ଷ ମଧ୍ୟରେ ଜାପାନରେ ବିଦ୍ୟୁତ୍‌ଶକ୍ତି ବିନିଯୋଗର ଅଭିବୃଦ୍ଧି ଘଟିନାହିଁ । କିନ୍ତୁ ଅପରପକ୍ଷରେ ଭାରତ ପୃଥିବୀରେ ଶକ୍ତି ସଂରକ୍ଷଣ

କ୍ଷେତ୍ରରେ ସର୍ବନୀଚ ୫ମ ସ୍ଥାନ (5th Lowest) ଅଧିକାର କରିଅଛି । ବିଶ୍ୱ ଉଷ୍ଣାୟନ ନିୟନ୍ତ୍ରଣ ପାଇଁ ଆଜି କୋପେନହେଗେନ୍ ଠାରେ ବିଶ୍ୱ ଶିଖର ସମ୍ମିଳନୀ ଅନୁଷ୍ଠିତ ହେଉଥିବାବେଳେ ଭାରତ ସରକାର ୨୦୦୫ ବର୍ଷକୁ ଭିତ୍ତିବର୍ଷ ନେଇ ୨୦୨୦ ମସିହା ବେଳକୁ ଶତକଡା ୮-୧୦% ଜିଡ଼ିପି ଅଭିବୃଦ୍ଧି ସତ୍ତ୍ୱେ କାର୍ବନ ଡାଇଅକ୍ସାଇଡ଼ ଏବଂ ଅନ୍ୟାନ୍ୟ ସବୁଜଘର ଗ୍ୟାସ (Green House Gas) କୁ ଶତକଡ଼ା ୨୦ରୁ ୨୫ ଭାଗ କମାଇବା ପାଇଁ ଅଭିମତ ଉପସ୍ଥାପନ କରି ବିଶ୍ୱକୁ ଆଶ୍ଚର୍ଯ୍ୟ କରିଦେଇଛନ୍ତି ।

ଏହି ପରିପେକ୍ଷୀର ସାରା ବିଶ୍ୱରେ ଥମାସ୍ ଆଲଭା ଏଡିସନ୍ଙ୍କର ୧୮୦୯ରେ ଆବିଷ୍କୃତ Carbon Filament ଏବଂ ଉଇଲିଅମ୍ କୁଲିଜେଙ୍କର Tungsten Filament ସାଧାରଣ ଲ୍ୟାମ୍ପର ମୃତ୍ୟୁ ଘଟିଛି କାରଣ ଏହିସବୁ ବିଦ୍ୟୁତ୍ ଲ୍ୟାମ୍ପରୁ ବିଦ୍ୟୁତ ଆଲୋକ ଉଦ୍ଦେଶ୍ୟରେ Illumination ପାଇଁ ଶତକଡା ୫ ଭାଗ ବିନିଯୋଗ ହେଉଥିଲା ଏବଂ ଶତକଡ଼ା ୯୫ ଭାଗ ବିଦ୍ୟୁତ୍‌ଶକ୍ତି ପାରିପାର୍ଶ୍ୱିକ ବାୟୁମଣ୍ଡଳର ଉଷ୍ଣତା ବୃଦ୍ଧି କରୁଥିଲା ଏହି ସାଧାରଣ ବିଦ୍ୟୁତ ଲ୍ୟାମ୍ପ ବଦଳରେ ୨୦୦୮ ମସିହା ନଭେମ୍ବରଠାରୁ ଭାରତସରକାର ଉଚ୍ଚମାନର Compact Fluorescent Light (CFL) ର ବହୁଳ ବ୍ୟବହାର ଦେଶରେ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ କେନ୍ଦ୍ରଶକ୍ତିମନ୍ତ୍ରୀ ୨୫.୦୨.୨୦୦୯ରେ ଜାତୀୟ ସ୍ତରରେ ଏହି (CFL) ବ୍ୟବହାରକୁ ପ୍ରୋତ୍ସାହିତ କରିବା ନିମନ୍ତେ ବଚତ୍ ଲ୍ୟାମ୍ପ ଯୋଜନାର (Bachat Laqmp Yojana) ଶୁଭାରମ୍ଭ କରିଛନ୍ତି ଯଦ୍ୱାରା ଭାରତ ସରକାରଙ୍କର ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି(BEE) ଙ୍କ ସହ ରାଜ୍ୟର ବିଦ୍ୟୁତ୍ ବିତରଣ କମ୍ପାନୀମାନେ (Distribution Companies) ଏବଂ CFL ନିର୍ମାତା କିମ୍ବା CFL trader ଙ୍କ ସହ ଏକ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରକଲେ ଏହି ଅଭିନବ ବଚତ୍ ଲ୍ୟାମ୍ପ ଯୋଜନା ମାଧ୍ୟରେ ପ୍ରତ୍ୟେକ ବିଦ୍ୟୁତ୍ ବିତରଣ କମ୍ପାନୀ ପ୍ରାୟ ୫୦ ଲକ୍ଷ ୧୧ରୁ ୨୦ ଓ୍ୱାଟ୍‌ର CFL ବଲ୍‌ବ ଘରୋଇ ବିନିଯୋଗକାରୀଙ୍କ (Domestic Consumers) ବ୍ୟବହାର ନିମନ୍ତେ ଟ୧୫ଙ୍କା ମୂଲ୍ୟରେ ବର୍ତ୍ତମାନର ପ୍ରଚଳିତ ୬୦/୧୦୦ ଓ୍ୱାଟ୍ ବଲ୍‌ବକୁ ସମ୍ପୂର୍ଣ୍ଣ ଭାବରେ ବଦଳାଇବା ପାଇଁ ଯୋଗାଇଦେବେ ।

ହିମାଚଳ ପ୍ରଦେଶ ରାଜ୍ୟ ପାଇଁ ୬୪ ଲକ୍ଷ CFL ବଲ୍‌ବ କ୍ରୟ କରି ଏହି ବଚତ୍ ଲ୍ୟାମ୍ପ ଯୋଜନାର ଶୁଭାରମ୍ଭ କରିଛି । ହରିଯାନାର ଶୀର୍ଷାଜିଲ୍ଲାର ସମସ୍ତ ଘରୋଇ, ବ୍ୟବସାୟ ପ୍ରତିଷ୍ଠାନ ଅଫିସ୍ ଏବଂ ସ୍କୁଲ୍, କଲେଜ ଏବଂ ମନ୍ଦିର ପରି ସର୍ବସାଧାରଣ କ୍ଷେତ୍ରରେ CFL କୁ ବ୍ୟବହାର କରାଯାଇଥିବାରୁ ଶକ୍ତି ସଂରକ୍ଷଣ କ୍ଷେତ୍ରରେ ଶୀର୍ଷା ଦେଶର ପ୍ରଥମ ଜିଲ୍ଲାର ସମ୍ମାନ ଲାଭ କରିଛି ।

ଏହି ଅଭିନବ ଶକ୍ତି ସଂରକ୍ଷଣ ଯୋଜନାରେ ତ୍ରିପାକ୍ଷିୟ ଚୁକ୍ତିନାମା କରି ଆନ୍ଧ୍ରପ୍ରଦେଶ, ଉତ୍ତରାଖଣ୍ଡ, ରାଜସ୍ଥାନ, ହରିଯାନା ଓ ହିମାଚଳ ପ୍ରଦେଶ ବଚତ୍ ଲ୍ୟାମ୍ପ ଯୋଜନାକୁ ଆଗେଇ ନେଲେଣି । ପଞ୍ଜାବ, କେରଳ, କର୍ଣ୍ଣାଟକ, ଆସାମ, ଦିଲ୍ଲୀ, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ ପ୍ରଭୃତି ରାଜ୍ୟ BEE ସହ ସମ୍ପର୍କ ସ୍ଥାପନ କରି ଏହି ଯୋଜନାକୁ ଆଗେଇନେବା ପାଇଁ ପ୍ରୟାସଜାରି ରଖିଛନ୍ତି ।

ଭୁବନେଶ୍ୱରରୁ ଗତ ନଭେମ୍ବର ୨୧ ତାରିଖ ଦିନ ଦୈନିକ ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସ୍‌ରେ ପ୍ରକାଶିତ ହୋଇଛି ଯେ ଭୁବନେଶ୍ୱର ମ୍ୟୁନିସ୍‌ପାଲ୍ କରପୋରେସନ (BMC) ଆନୁକୁଲ୍ୟରେ ଏହି ବଚତ୍ ଲ୍ୟାମ୍ପ ଯୋଜନାର ପ୍ରଥମ ଶୁଭାରମ୍ଭ ୪୫ ଗୋଟି ଭେଣ୍ଡିଂ ଜୋନ୍‌ରେ କରାଯାଇ ପ୍ରତ୍ୟେକ ଭେଣ୍ଡରଙ୍କର ବିଦ୍ୟୁତଶକ୍ତି ବିନିଯୋଗରେ ପ୍ରାୟ ଶତକଡ଼ା ୮୨ ଭାଗ ବଞ୍ଚାଯାଇପାରିଛି ଏବଂ ତଦ୍ୱାରା ଏହି ୪୫ ଟି ଭେଣ୍ଡି ଜୋନ୍ ବାର୍ଷିକ ୪୯୨ ଟନ୍ ସବୁଜଘର ଗ୍ୟାସ୍ କମାଇ ପାରିଛନ୍ତି ।

ଭାରତ ସରକାର ଏହି ବଚତ୍ ଲ୍ୟାମ୍ପ ଯୋଜନାକୁ ଆଗେଇନେବା ଉଦ୍ଦେଶ୍ୟରେ ନଭେମ୍ବର ୨୦୦୯ ମସିହାରେ ଏକ ନୂତନ କରପୋରେସନ Energy Efficiency Services Ltd (EESL) ଗଠନ କରିଛନ୍ତି ଏବଂ ଏହାକୁ ଚଳିତ ଡିସେମ୍ବର ୨୦୦୯ରୁ କାର୍ଯ୍ୟକାରୀ କରାଯାଇ ଶକ୍ତି ସଂରକ୍ଷଣର ବିଭିନ୍ନ ଯୋଜନା ପାଇଁ ରାଜ୍ୟମାନଙ୍କର ଭିତ୍ତିଭୂମି ବିକାଶରେ ସାହାଯ୍ୟ କରିବାକୁ କେନ୍ଦ୍ର ଶକ୍ତିବିଭାଗ ନିଷ୍ପତ୍ତି ନେଇଛନ୍ତି । ଭାରତ ସରକାର ଦ୍ରୁତତର କ୍ଷମତା ବୃଦ୍ଧି ନିମନ୍ତେ ଜାତୀୟ କମିସନ୍ NMEEE ତାର ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ବଚତ୍ ଲ୍ୟାମ୍ପ ଯୋଜନାକୁ ଆଗେଇ ନେବାକୁ ବିଦ୍ୟୁତ୍ ବିତରଣ କମ୍ପାନୀଙ୍କର ଏହି ଶକ୍ତି ସଂରକ୍ଷଣ ଯୋଗୁଁ ଲାଭ ଉପରେ ଟିକସ ରିହାତି ଦେବା ପାଇଁ ମଧ୍ୟ ବ୍ୟବସ୍ଥା ରଖିଛି ।

ଅତ୍ୟନ୍ତ ପରିତାପର ବିଷୟ ହେ ଏହିଯେ, ଏହି ଅଭିନବ ଶକ୍ତି ସଂରକ୍ଷଣ ଯୋଜନା ପ୍ରାରମ୍ଭ ହେବାର ୧୦ ମାସ ବିତିଗଲେ ମଧ୍ୟ ଓଡ଼ିଶାର ୪ଗୋଟି ବିଦ୍ୟୁତ୍ ବିତରଣ କମ୍ପାନୀ ଏପର୍ଯ୍ୟନ୍ତ ଏଥିରେ ସାମିଲ ହୋଇନାହାଁନ୍ତି । ରାଜ୍ୟ ସରକାର ରାଜ୍ୟରେ ଶକ୍ତି ସଂରକ୍ଷଣ କ୍ଷେତ୍ରରେ ଉଭୟ Regulatory & Promotional ପଦକ୍ଷେପ ଗ୍ରହଣ ନିମନ୍ତେ ବିଦ୍ୟୁତ୍ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ରାଜ୍ୟ ପଦାଧିକାରୀ ସଂସ୍ଥା (State Designated Agency) ରୂପେ ନିଯୁକ୍ତି ଦେଇଛନ୍ତି । ଏଥି ନିମନ୍ତେ ସମସ୍ତ ଖର୍ଚ୍ଚ କେନ୍ଦ୍ରସରକାର ବହନ କରିବାକୁ ନିଷ୍ପତ୍ତି ହୋଇଛି । ଶକ୍ତି ସଂରକ୍ଷଣ ନିମନ୍ତେ ଆମ ରାଜ୍ୟ ପଦାଧିକାରୀ ସଂସ୍ଥା ତାଙ୍କର ପତ୍ର ସଂଖ୍ୟା ୧୪୯୨ ତାରିଖ ୧୩.୦୪.୨୦୦୯ରେ ସମସ୍ତ ବିଦ୍ୟୁତ୍ ବିତରଣ କମ୍ପାନୀଙ୍କୁ BEE ପ୍ରଣୀତ ବଚତ୍ ଲ୍ୟାମ୍ପ ଯୋଜନା ସମ୍ବନ୍ଧରେ ଜଣାଇ ଦେଇ ଏଥି ନିମନ୍ତେ ଅନ୍ୟ କୌଣସି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିନାହାଁନ୍ତି । ରିଲିଆନ୍ସ କମ୍ପାନୀ ପରିଚାଳିତ ୩ ଗୋଟି ବିଦ୍ୟୁତ୍ ବିତରଣ କମ୍ପାନୀ ସାଉଥ୍‌କୋ, ୱେସ୍କୋ ଏବଂ ନେସ୍କୋ ଗତ ଫେବୃଆରୀ ୫ ତାରିଖରେ ବାନିଆନ୍ ଇନୋଭେସନ୍ ନାମକ ଏକ ସଂସ୍ଥା ସହ ଦ୍ୱିପାକ୍ଷିକ ରାଜିନାମା  କରିଥିଲେ ମଧ୍ୟ ଏହାର ୬ ମାସ କାର୍ଯ୍ୟକାଳ ସମୟସୀମା ବିତିଗଲେ ମଧ୍ୟ ଏପର୍ଯ୍ୟନ୍ତ BEE ସହ ତ୍ରିପାକ୍ଷିକ ରାଜିନାମା ସ୍ୱାକ୍ଷରିତ କରିନାହାଁନ୍ତି । କେନ୍ଦ୍ରାଞ୍ଚଳ ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ସେସୁ ଏ ସମ୍ବନ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ ।

ରାଜ୍ୟରେ ଏହି ବଚତ୍ ଲ୍ୟାମ୍ପ ଯୋଜନା ଦ୍ୱାରା ସମୟବଦ୍ଧ କାର୍ଯ୍ୟସୀମା ମଧ୍ୟରେ କାର୍ଯ୍ୟକାରୀ କରାଗଲେ ଏହା ଅଧୁନା ରାଜ୍ୟରେ ବାର୍ଷିକ ୨୦୮୨ ନିୟୁତ ୟୁନିଟ୍ ବିଦ୍ୟୁତ୍ ଶକ୍ତି ସଞ୍ଚୟ କରି ସନ୍ଧ୍ୟା ସମୟରେ ଆମର ୧୦୦୦ ମେଗାୱାଟ୍ ନିଅଣ୍ଟ ପରିମାଣରୁ ପ୍ରାୟ ୪୩୨ ମେଗାୱାଟ୍ କମାଇଦେଇ ପାରିବାର ଆକଳନ ନିମ୍ନରେ ପ୍ରଦାନ କରାଗଲା ।

## ଓଡ଼ିଶାରେ ବଚତ୍ ଲ୍ୟାମ୍ପ ଯୋଜନାର ଶୁଭାଶୁଭ ବିଶ୍ଳେଷଣ

| ବିଦ୍ୟୁତ୍ ବିତରଣ କମ୍ପାନୀ | ବାର୍ଷିକ ବିଦ୍ୟୁତ୍ ସଞ୍ଚୟ (ନିୟୁତ୍ ୟୁନିଟରେ) | ସଂନ୍ଧ୍ୟାକାଳିନ ବିଦ୍ୟୁତ୍ ଅଭାବ କେତେ କମିବ (ମେଗାୱାଟ୍‌ରେ) | ବିଦ୍ୟତବିତରଣ କମ୍ପାନିମାନଙ୍କର ବାର୍ଷିକ ବିଶୁଦ୍ଧ ଲାଭ (କୋଟି ଟଙ୍କାରେ) |
|---|---|---|---|
| ସେସୁ | ୮୦୩.୦୦ | ୧୬୬.୦୦ | ୨୦.୦୦ |
| ୱେସ୍କୋ | ୫୬୪.୦୦ | ୧୧୨.୦୦ | ୧୪.୬୦ |
| ନେସ୍କୋ | ୪୦୫.୦୦ | ୮୫.୦୦ | ୧୦.୩୦ |
| ସାଉଥ୍‌କୋ | ୩୦୦.୦୦ | ୬୨.୦୦ | ୭.୬୦ |
| ଓଡ଼ିଶା | ୨୦୮୨.୦୦ | ୪୩୨.୦୦ | ୫୨.୫୦ |

ଉପର୍ଯ୍ୟୁକ୍ତ ଆକଳନ ଦର୍ଶାଏ ଯେ ଯଦି ରାଜ୍ୟର ୪ଗୋଟି ବିଦ୍ୟୁତ୍ ବିତରଣ କମ୍ପାନୀ Mission 2010 କୁ ଆପଣେଇ ନେଇ ଭାରତ ସରକାରଙ୍କର ଏହି ଅଭିନବ ବଚତ୍ ଲ୍ୟାମ୍ପ ଯୋଜନାକୁ ତୁରନ୍ତ ରାଜ୍ୟରେ ଶୁଭାରମ୍ଭ କରନ୍ତି ଏବଂ ଏହାର ସମୟସୀମା ପ୍ରାୟ ୬ ମାସ ହୋଇଥିବାରୁ ଆସନ୍ତା ଜୁଲାଇ ୨୦୧୦ରୁ ରାଜ୍ୟର ଘୋର୍ ବିଦ୍ୟୁତ୍ ସଙ୍କଟ ସମୟରେ ସଂନ୍ଧ୍ୟା ସମୟରେ ଆମର ବିଦ୍ୟୁତ୍‌ଶକ୍ତିର ଚାହିଦାରେ ଯେଉଁ ୧୦୦୦ ମେଗାୱାଟ୍‌ର ନିଅଣ୍ଟିଆ ପରିସ୍ଥିତି ଦେଖାଦେଇଛି ଏହାକୁ ଶତକଡ଼ା ୪୦ ଭାଗ କମାଇ ଦିଆଯାଇପାରିବ ଏବଂ ବିଦ୍ୟୁତ୍ କମ୍ପାନୀମାନେ କୌଣସି ମୂଳଧନ ବିନିଯୋଗରେ ବାର୍ଷିକ ୫୨କୋଟି ଟଙ୍କାରୁ ଅଧିକ ଲାଭ ପାଆନ୍ତେ ଯାହା ଉପରେ ଭାରତ ସରକାରଙ୍କର NMEEE ସର୍ତ୍ତାବଳୀ ଅନୁଯାୟୀ କୌଣସି ଟିକସ ଦେବାକୁ ପଡ଼ିବ ନାହିଁ ।

ସମଗ୍ର ବିଶ୍ୱ ଆଜି ବିଶ୍ୱ ଉଷ୍ମାୟନ ନିୟନ୍ତ୍ରଣ ଏବଂ ଶକ୍ତି ସଂରକ୍ଷଣ ନିମନ୍ତେ ବ୍ୟଗ୍ର ଏବଂ କୋପେନ୍‌ହେଗେନ୍‌ଠାରେ ଚାଲିଥିବା ୧୫ଶ ବିଶ୍ୱ ଶିଖରସମ୍ମିଳନୀରେ ଏହାହିଁ ପ୍ରମୁଖ ଆଲୋଚ୍ୟ ବିଷୟ । ଶକ୍ତି ସଂରକ୍ଷଣ ମାଧ୍ୟମରେ ବିଶ୍ୱ ଉଷ୍ମାୟନ ନିୟନ୍ତ୍ରଣ ନିମନ୍ତେ ଯେଉଁ ପଦକ୍ଷେପ ଗ୍ରହଣ କରାଯାଉଛି ଭାରତବର୍ଷର ଏହି ବଚତ୍ ଲ୍ୟାମ୍ପ ଯୋଜନା ପୃଥିବୀର ସବୁଠାରୁ ବଡ଼ CDM Project ଏବଂ ଏହାର କାର୍ଯ୍ୟକାରୀ ସମୟ ୨୦୧୨ ମସିହା ମାର୍ଚ୍ଚମଧ୍ୟରେ ସୀମାବଦ୍ଧ । ରାଜ୍ୟ ସରକାର, ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ ଏବଂ ରାଜ୍ୟ ପଦାଧିକାରୀ ସଂସ୍ଥା ରାଜ୍ୟର ଏହି ଘୋର ବିଦ୍ୟୁତ ଅନାଟନ ସମୟରେ ରାଜ୍ୟର ୪ଗୋଟି ବିଦ୍ୟୁତ୍ ବିତରଣ କମ୍ପାନୀଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ଯେଭଳି ଯୁଦ୍ଧକାଳୀନ ଭିତ୍ତିରେ ବଚତ୍ ଲ୍ୟାମ୍ପ ଯୋଜନାକୁ ସାରା ରାଜ୍ୟରେ ୩୦ ଲକ୍ଷ ଗ୍ରାହକଙ୍କ ପାଇଁ "Mission 2010" ଜରିଆରେ ବିଦ୍ୟୁତ୍ ବିତରଣ କମ୍ପାନୀମାନେ ଜୁନ୍ ୨୦୧୦ ସୁଦ୍ଧା ସମ୍ପୂର୍ଣ୍ଣ କରି ରାଜ୍ୟକୁ ବିଦ୍ୟୁତ୍ ଅଭାବ ପରିସ୍ଥିତରୁ ଶତକଡ଼ା ୪୦ ଭାଗ କମାଇ ବିଶ୍ୱ ଉଷ୍ମାୟନ ନିୟନ୍ତ୍ରଣରେ ସହାୟକ ହୁଅନ୍ତୁ । Energy Saved is Energy Earned ଆମର Mission 2010 ର ଧ୍ୟେୟ ମନ୍ତ୍ର ହେଉ ।

nagen123@gmail.com

(ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ)